ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଓଡିଶାରେ ଷ୍ଟେଟ ବ୍ୟାଙ୍କର ୯୦୦ତମ ଶାଖା ନିଶ୍ଚିନ୍ତକୋଇଲି ଠାରେ ଉଦ୍‌ଘାଟିତ

ଭୁବନେଶ୍ୱର : ଏକ୍ସପ୍ରେସ୍ ନ୍ୟୁଜ୍

ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ଦ୍ୱାରା ଓଡିଶାର ୯୦୦ ତମ ଶାଖା କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଠାରେ ଉଦଘାଟିତ ହୋଇଯାଇଛି । ଶାଖା ପରିଚାଳକ ଅଶୋକ ନାହକଙ୍କ ସଭାପତିତ୍ୱରେ ଓ ମହାପ୍ରବନ୍ଧକ ପୋନ୍ନମବଲମ ଏମ, ଉପ-ମହାପ୍ରବନ୍ଧକ ପ୍ରଶାନ୍ତ କୁମାର, ଆଞ୍ଚଳିକ ପରିଚାଳକ ଭବାନୀ ଶଙ୍କର ମହାନ୍ତି ଆଦି ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପରୁଥି ନୂତନ ଶାଖାର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ପରୁଥି ଗ୍ରାହକ ସେବା, ଡିଜିଟାଲ ବ୍ୟାଙ୍କିଙ୍ଗ ଏବଂ ବ୍ୟାଙ୍କରେ ଉପଲବ୍ଧ ବିଭିନ୍ନ ସେବା ବିଷୟରେ ଆଲୋକପାତ କରିଥିଲେ । ନିଶ୍ଚିନ୍ତକୋଇଲି ଶାଖା ଖୋଲିବା ଦ୍ୱାରା ପରିପାର୍ଶ୍ୱରେ ଥିବା ବୁହାଳ, ସରପଡା, କଟରପଡା, ବାଲିପଡା, ବଢିକିରି, ନତକାଇ, ବନ୍ଧକାଳିଆ, ରାମାକୃଷ୍ଣପୁର ଆଦି ପଞ୍ଚାୟତର କୃଷକ,ବ୍ୟବସାୟୀ ଓ ଜନସାଧାରଣ ଉପକୃତ ହେବେ ।

ଗଛପଡ଼ି ଯୁବକ ଗୁରୁତର

କଣ୍ଟାବାଞ୍ଜି : ଏକ୍ସପ୍ରେସ୍ ନ୍ୟୁଜ୍

କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ କୁଲୀ ଗ୍ରାମ ଧୋବଘାଟେନ୍ ମନ୍ଦିର ସାମ୍ନାରେ ଜଣେ ଯୁବକଙ୍କ ଉପରେ ଗଛ ପଡିଯିବାରୁ ଗୁରତର ଆହତ ହୋଇଛନ୍ତି ଯୁବକଙ୍କ ସୂଚନା ଅନୁସାରେ ବେଲାପଡ଼ା ଥାନା ଅନ୍ତର୍ଗତ ସିହିନି ଗ୍ରାମର ରୂପ ରଣା କୌଣସି କାମରେ କଣ୍ଟାବାଞ୍ଜି ଅଭିମୁଖେ ଆସୁଥିଲେ ଠିକ୍ ସେହି ସମୟରେ ମନ୍ଦିର ସାମ୍ନାରେ ତାଙ୍କ ଉପରେ ଏକ ବଡ ଗଛ ଡ଼ାଳ ଖସି ପଡିବା ଫଳରେ ସେ ଗୁରୁତର ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ଏକ ଅଟୋ ସାହାଯ୍ୟରେ ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାକୁ ନେଇଥିଲେ ।

ସାପ କାମୁଡ଼ାରେ ମହିଳା ମୃତ

ଦିଗପହଣ୍ଡି : ଏକ୍ସପ୍ରେସ୍ ନ୍ୟୁଜ୍

ସାନଖେମୁଣ୍ଡି ବ୍ଲକ ଏରେଣ୍ଡ୍ରା ଗ୍ରାମର ଜଣେ ମହିଳା ବୁଧବାର ସକାଳେ ସାପ କାମୁଡାରେ ମୃତ୍ୟୁବରଣ କରିଛନ୍ତି ।ମୃତକ ଜଣକ ହେଲେ ଗ୍ରାମର ଉପେନ୍ଦ୍ର ବିଷୋୟୀଙ୍କ ସ୍ତ୍ରୀ ସଞ୍ଜୁ ବିଷୋୟୀ । ସଞ୍ଜୁ ସକାଳେ ଚାଷ ଜମିରେ କାମ କରୁଥିବା ସମୟରେ ତାଙ୍କ ବାମ ଗୋଡ଼ ଆଙ୍ଗୁଠିକୁ ସାପ କାମୁଡି ଥିଲା । ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ପାଟପୁର ପୋଲିସ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତାଙ୍କ ମୃତଦେହ ଜବତ କରିବା ସହ ଥାନା ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଥିଲେ । ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

ବଇଁଚୁଆ ଅଙ୍ଗନୱାଡି କେନ୍ଦ୍ରରେ ଝୁଲୁଛି ତାଲା : ସରକାରଙ୍କ ନିୟମକୁ ଫୁ

ମାହାଙ୍ଗା : ଏକ୍ସପ୍ରେସ୍ ନ୍ୟୁଜ୍

ସରକାରଙ୍କ ପକ୍ଷରୁ କୁନି କୁନି ପିଲାମାନଙ୍କ ପାଠ ପଢାଇବା ନିମନ୍ତେ ଅଙ୍ଗନୱାଡି କେନ୍ଦ୍ର ଖୋଲିଛନ୍ତି । ଏହି ପିଲାମାନଙ୍କୁ ଗୀତ, ନାଚ ଓ ଖେଳନା ମାଧ୍ୟମରେ ପଢା ଯାଇଥାଏ । କିନ୍ତୁ କେତେକ କେନ୍ଦ୍ରମାନଙ୍କରେ ନିଯୁକ୍ତ ଅଙ୍ଗନୱାଡୀ କର୍ମୀ ଓ ସହାୟିକାଙ୍କ ଠିକ୍ ସମୟରେ ଦେଖା ମିଳୁନାହାନ୍ତି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ସମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିନ ଓଷଙ୍ଗ ପଞ୍ଚାୟତ ବଇଁଚୁଆ ଅଙ୍ଗନୱାଡି କେନ୍ଦ୍ରରେ । ସରକାରଙ୍କ ନିୟମ ଅନୁଯାୟୀ କେନ୍ଦ୍ରଗୁଡିକ ସକାଳ ୯ଟାରେ ଖୋଲିବା ସହ ଅପରାହ୍ନ ୧ଟା ସମୟରେ ବନ୍ଦ ହୋଇଥାଏ । କିନ୍ତୁ ଆଜି ଏହି କେନ୍ଦ୍ରରେ ନିଯୁକ୍ତ ଅଙ୍ଗନୱାଡି କର୍ମୀ ରତି ଲେଙ୍କା ଓ ସହାୟିକା ୯ଟା୨୦ ପର୍ଯ୍ୟନ୍ତ କେନ୍ଦ୍ରକୁ ଆସିନଥିଲେ । ଯାହା ଫଳରେ ୯ଟା ୨୦ପର୍ଯ୍ୟନ୍ତ କେନ୍ଦ୍ରରେ ତାଲା ଝୁଲିଥିବା ଦେଖିବାକୁ ମିଳିଥିଲା। ଯାହାକି ଉଭୟ ଅଙ୍ଗନୱାଡି କର୍ମୀ ଓ ସହାୟିକା ସରକାରଙ୍କ ନିୟମକୁ ସଂପୂର୍ଣ୍ଣ ଭାବେ ଫୁ କରିଦେଇଛନ୍ତି । କିନ୍ତୁ ଆଶା ଦିଦି ୯ଟା ୧୫ରେ ଆସି କେନ୍ଦ୍ର ବାରଣ୍ଡାରେ ବସିଥିବା ଦେଖିବାକୁ ମିଳିଛି । ସେହିପରି ଏହି କେନ୍ଦ୍ରରେ ପିଲାମାନଙ୍କ ପାଠପଢା ଓ କିପରି ଖାଦ୍ୟ ଖାଇବାକୁ ଦେଉଥିବେ ତଦନ୍ତ କଲେ ଜଣାପଡିବ । ଏବେ ସରକାରଙ୍କ ନିୟମ ଅନୁଯାୟୀ କିଶୋରୀମାନଙ୍କ ନିମନ୍ତେ ୧୬ଟି ଅଣ୍ଡା ଓ ପିଲାମାନଙ୍କ ନିମନ୍ତେ ୧୨ଟି ଅଣ୍ଡା ଦିଆଯାଉଛି । ହେଲେ ଏହି ଅଙ୍ଗନୱାଡି କର୍ମୀ ଏବେ କେତୋଟି ଅଣ୍ଡା ଦେଉଛନ୍ତି ତାହା ତଦନ୍ତ କଲେ ତାଙ୍କ ଖାତାରୁ ସ୍ପଷ୍ଟ ଜଣାପଡିବ । ଏ ନେଇ କେନ୍ଦ୍ର ଦାୟିତ୍ୱରେ ଥିବା ସୁପରଭାଇଜର ଓଜସ୍ୱନୀ ମହାନ୍ତିଙ୍କୁ ଯୋଗଯୋଗ କରିବାରୁ ମୁଁ ଦେଖୁଛି ସେମାନେ ଏପର୍ଯ୍ୟନ୍ତ କେନ୍ଦ୍ରକୁ କାହିଁକି ଆସିନାହାନ୍ତି ବୋଲି କହି ଫୋନ କାଟି ଦେଇଥିଲେ । ଯଦି ଦାୟିତ୍ୱରେ ଥିବା ସୁପରଭାଇଜର ଏଭଳି କହୁଛନ୍ତି ତାହା ବୁଝା ପଡୁନାହିଁ । ତେଣୁ ସୁପରଭାଇଜର ମହୋଦୟା କେନ୍ଦ୍ରର କିପରି ଦାୟିତ୍ୱ ତୁଲାଉଛନ୍ତି ତାହାକୁ ନେଇ ବଡ ପ୍ରଶ୍ନ ଉଠିଛି । ସେହିପରି ସିଡିପିଓ ସଭ୍ୟଭାମା ବିଶୋଇଙ୍କୁ ଯୋଗାଯୋଗ କରିବାରୁ ଯଦି କୌଣସି ଅଙ୍ଗନୱାଡି କର୍ମୀ କିମ୍ବା ସହାୟିକା କାର୍ଯ୍ୟରେ ଅବହେଳା କରିବେ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

ପୋଖରୀରେ ବୁଡି ଭିନ୍ନକ୍ଷମଙ୍କ ମୃତ୍ୟୁ : ସରକାରୀ ସହାୟତା ଦାବି

ଭବାନୀପାଟଣା : ଏକ୍ସପ୍ରେସ୍ ନ୍ୟୁଜ୍

କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ ମାଝୀଗୁଡା ଗ୍ରାମର ଜଣେ ଭିନ୍ନକ୍ଷମ ବ୍ୟକ୍ତି ମାନସିଂ ପୁଞ୍ଜି (୬୫) ମଙ୍ଗଳବାର ସକାଳ ପ୍ରାୟ ୯ ଘଣ୍ଟା ସମୟରେ ଘରକୁ ଲାଗି ରହିଥିବା ପୋଖରୀରେ ଗାଧେଇବାକୁ ଯାଇ ଗଭୀର ପାଣିରେ ବୁଡି ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କ ପକ୍ଷରୁ ସୂଚନା ମିଳିଛି । ଘଟଣା ପରେ ପରିବାର ଲୋକେ ଏନେଇ କୋକସରା ଦମକଳ କର୍ମଚାରୀଙ୍କୁ ଖବର ଦେବାପରେ ଅଗ୍ନିଶମ ଓଆଇସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ ଦମକଳ କର୍ମଚାରୀମାନେ ପହଞ୍ଚି ପୋଖରୀ ପାଣିରୁ ମୃତଦେହ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଛନ୍ତି । ଏନେଇ ପରିବାର ଲୋକେ କୋକସରା ପୋଲିସକୁ ଖବର ଦେବାପରେ ଏସଆଇ ସନ୍ତୋଷ କୁମାର ନାୟକ ଓ ପୋଲିସ ଟିମ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରିବା ସହ ଶବକୁ ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ପଠାଇବା ସହ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲେ । ତେବେ ମୃତ ମାନସିଂ ପୁଞ୍ଜି ଜଣେ ଭିନ୍ନକ୍ଷମ ହୋଇଥିବା ବେଳେ ତାଙ୍କ ପରିବାରରେ ଏବେ ବିଧବା ସ୍ତ୍ରୀ ଓ ପୁଅ ବୋହୂ ନାତି ନାତୁଣୀ ରହିଛନ୍ତି । ପରିବାରକୁ ସରକାରୀ ସ୍ତରରେ ସହାୟତା ଯୋଗାଇଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।

ବଡ଼ନାଳରେ ପାଣି ଯୋଗୁଁ ହରିହରପ୍ରସାଦ-କଂଟାବଣିଆ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ

ଖଣ୍ଡପଡ଼ା : ଏକ୍ସପ୍ରେସ୍ ନ୍ୟୁଜ୍

ଖଣ୍ଡପଡା ବ୍ଲକ୍ ଅଧିନ ସିଂଘାପଡ଼ା ପଞ୍ଚାୟତର ହରିହରପ୍ରସାଦ ଗ୍ରାମ ଠାରୁ ନିକଟସ୍ଥ କଣ୍ଟାବଣିଆ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ଅବସ୍ଥିତ ବଡ଼ନାଳରେ ପାଣି ଆସିବାରୁ ଉକ୍ତ ୨ ଗ୍ରାମ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଲଗାଣ ବର୍ଷା ଫଳରେ ନିକଟସ୍ଥ ଜଙ୍ଗଲ ଓ ପାହାଡ଼ରୁ ନିର୍ଗତ ପାଣି ବଡ଼ନାଳ ଉପରଦେଇ ପ୍ରବାହିତ ହେଉଥିବା ବେଳେ ମଙ୍ଗଳବାର ମଧ୍ୟାହ୍ନରେ କଂଟାବଣିଆ ଗ୍ରାମକୁ ଯାଉଥିବା ମିନିଟ୍ରକ୍ ରାସ୍ତା ମଧ୍ୟରେ ଫସିଥିବା ଜଣାପଡ଼ିଛି । ଏହାକୁ ନେଇ ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବଡ଼ନାଳ ଉପରେ ଏକ ଉଚ୍ଚ ପୋଲ ନିର୍ମାଣ ନିମନ୍ତେ ଅଞ୍ଚଳବାସୀ ଦୀର୍ଘବର୍ଷ ଧରି ଦାବି କରି ଆସୁଥିଲେ ହେଁ ଏଥିପ୍ରତି ପ୍ରଶାସନିକ ଅଧିକାରୀ ନତୁବା ଲୋକ ପ୍ରତିନିଧି କେହି ହେଲେ ଧ୍ୟାନ ଦେଇନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଥିପ୍ରତି ନୟାଗଡ଼ ଜିଲ୍ଲାପାଳ ଓ ଖଣ୍ଡପଡ଼ା ବିଧାୟକ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି । ପାଣି ମଧ୍ୟରେ ଫସି ରହିଥିବା ମିନିଟ୍ରକ୍‌ଟିକୁ ଉଦ୍ଧାର କରିବା ପାଇଁ ମଧ୍ୟ ଗ୍ରାମବାସୀ ପ୍ରଶାସନର ସହଯୋଗ ଲୋଡ଼ିଥିବା ଜଣାଯାଇଛି। ଖଣ୍ଡପଡ଼ା ବିଧାୟକ ଦୁଷନ୍ତ କୁମାର ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଖୁବ୍ ଶିଘ୍ର ବଡ଼ନାଳ ଉପରେ ଏକ ପୋଲ ନିର୍ମାଣ ନିମନ୍ତେ ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି।

ଦେଶ ବିଭାଜନ ବିଭୀଷିକା ସମ୍ପର୍କରେ ସ୍ମୃତିସଭା

ବୋଲଗଡ଼,୧୪।୮: ଏକ୍ସପ୍ରେସ୍ ନ୍ୟୁଜ୍

ଅଖଣ୍ଡ ଭାରତ ଦୁଇ ଭାଗରେ ବିଭକ୍ତ ହୋଇ ଭାରତ ଓ ପାକିସ୍ଥାନ ବିଭାଜନ ହୋଇଥିଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଭାରତ ସ୍ୱାଧୀନତା ପୂର୍ବରୁ ଭାରତ ପାକିସ୍ଥାନ ମଧ୍ୟରେ ଯେଉଁ ବିଭାଜନ ସୃଷ୍ଟି ହୋଇଥିଲା ସେ ସମୟରେ ଦୁଇଦେଶ ମଧ୍ୟରେ ହୋଇଥିବା ଅତ୍ୟାଚାର, ଲୋମହର୍ଷକାରୀ ଘଟଣା, ହତ୍ୟା, ଲୁଣ୍ଠନ ଓ ସଂପ୍ରଦାୟିକ ସଂଘର୍ଷ ସହିତ ଘୃଣା ଓ ବିଦ୍ୱେଷ ଭାବକୁ ନେଇ ଯେଉଁସବୁ ହୃଦୟ ବିଦାରକ ଅଘଟଣ ଘଟିଥିଲା ଏହାକୁ ନେଇ ଏକ ଫଟୋ ପ୍ରଦର୍ଶନୀ ଓ ଆଲୋଚନା ଚକ୍ର ୧୪ତାରିଖ ଦିନ ବୋଲଗଡ ସଦର ମହକୁମାସ୍ଥ ନନ୍ଦିଘୋଷ ଭବନରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ଆନୁକୁଲ୍ୟରେ କେନ୍ଦ୍ରୀୟ ସଂଚାର ବ୍ୟୁରୋ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ସୂଚନା ଓ ପ୍ରସାରଣ ବିଭାଗ ପକ୍ଷରୁ ମଧ୍ୟ ସହଯୋଗ କରାଯାଇଥିଲା। ଏହିକାର୍ଯ୍ୟକ୍ରମକୁ ରାଜ୍ୟ ବିଧାନସଭାର ବାଚସ୍ପତି ସୁରମା ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ସଂଚାର ବ୍ୟୁରୋର ନିର୍ଦ୍ଦେଶକ ଗିରିଶ ଚନ୍ଦ୍ର ଦାଶ, ଆଞ୍ଚଳିକ ପଦର୍ଶନୀ ଅଧିକାରୀ ମହେନ୍ଦ୍ର ପ୍ରସାଦ ଜେନା, କ୍ଷେତ୍ର ପ୍ରସାରଣ ଅଧିକାରୀ ସସ୍ମିତା ପାଇକରାୟ,ପରମାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ସଂଯୁକ୍ତା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍ଘାଟନ କରିବା ସହିତ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଓକିଲସଂଘର ସଭ୍ୟସଭ୍ୟା, ଶିକ୍ଷାବିତ୍, ମହାବିଦ୍ୟାଳୟ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇଥରଲେ। ଏହି ଫଟୋ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଦୁଇଦିନ ଧରି ଚାଲୁରହିବ। ଏହାକୁ ଫଟୋ ପ୍ରଦର୍ଶନୀ ଦେଖିବାପାଇଁ ବୋଲଗଡ ଅଞ୍ଚଳର ବହୁ ସ୍କୁଲ କଲେଜର ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି, ସ୍ୱୟଂସହାୟିକା ମହିଳା ଗୋଷ୍ଠୀ, ବଣିକ ସଂଘ, ଅଙ୍ଗନୱାଡି,ଆଶାକର୍ମି ଏବଂ ବଣିକ ସଂଘର କର୍ମକର୍ତ୍ତା ଭିଡ ଜମାଇଥିଲେ। ପରିଶେଷରେ କେନ୍ଦ୍ରସରକାରଙ୍କ ମଧୁର ଜଳ ମତ୍ସ୍ୟଉତ୍ପାଦନ ପ୍ରକଳ୍ପର ପରିଚାଳାନା କମିଟିର ସଦସ୍ୟ ବିଶ୍ୱଜିତ୍ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

MCL | ମହାନଦୀ କୋଲ୍‌ଫିଲଡସ ଲିମିଟେଡ୍

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"

R-5217